# NATIONAL NEWS BULLETIN (ODIA)
## 22nd January - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ନିର୍ବାଚନରେ ପରାଜୟ ଆଶଙ୍କା କରି ଦୈନିକ ନୂଆ ଘୋଷଣା କରୁଥିବାରୁ ଆମ୍ ଆଦ୍‌ମୀ ପାର୍ଟିକୁ ସମାଲୋଚନା କଲେ ପ୍ରଧାନମନ୍ତ୍ରୀ ।
- ମହାରାଷ୍ଟ୍ର ଜଲଗାଓଁ ଜିଲ୍ଲାର ପାରଣ୍ଡା ରେଳଷ୍ଟେସନ୍‌ରେ ଆଜି ସନ୍ଧ୍ୟାରେ ଏକ ଟ୍ରେନ୍ ଦୁର୍ଘଟଣାରେ ପ୍ରାୟ ୮ ମୃତ; ଉଦ୍ଧାର କାର୍ଯ୍ୟ ଜାରି ।
- ବେଟି ବଚାଓ-ବେଟି ପଢ଼ାଓ ଅଭିଯାନ ଏବେ ଜନ ଆନ୍ଦୋଳନରେ ପରିଣତ ହୋଇଛି; କହିଲେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀରେ ଚାଲିଥିବା ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ-୨୦୨୫ ଉଦ୍‌ଯାପିତ ।

ଏବଂ

- କୋଲ୍‌କାତାର ଇଡେନ୍ ଗାର୍ଡେନଠାରେ ଜାରି ରହିଛି ଭାରତ-ଇଂଲଣ୍ଡ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜର ପ୍ରଥମ ମ୍ୟାଚ ।

## ପି.ଏମ୍. - ଦିଲ୍ଲୀ ପୋଲ୍‌ସ

ଦିଲ୍ଲୀ ବିଧାନସଭା ନିର୍ବାଚନରେ ପରାଜୟ ଆଶଙ୍କା କରି ଦୈନିକ ନୂଆ ନୂଆ ଘୋଷଣା କରୁଥିବାରୁ ଆମ୍ ଆଦ୍‌ମୀ ପାର୍ଟିକୁ ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଜାତୀୟ ରାଜଧାନୀରେ ଆମ୍ ଆଦ୍‌ମୀ ପାର୍ଟି ଜନସାଧାରଣଙ୍କୁ ପାନୀୟ ଜଳ ଭଳି ମୌଳିକ ସୁବିଧା ଦେବାରେ ବିଫଳ ହୋଇଛି । ସେ ପୁଣି କହିଛନ୍ତି, ଦିଲ୍ଲୀରେ ସହଜରେ ମଦ ମିଳୁଥିବାବେଳେ ପାନୀୟ ଜଳର ସଙ୍କଟ ଦେଖାଦେଇଛି ।

ବି.ଜେ.ପି.ର ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କୁ "ମୋ ବୁଥ୍ ସବୁଠାରୁ ଅଧିକ ସଶକ୍ତ" କାର୍ଯ୍ୟକ୍ରମ ମାଧ୍ୟମରେ ନମୋ ଆପ୍ ଜରିଆରେ ଭାବ ବିନିମୟ କଲାବେଳେ ଶ୍ରୀ ମୋଦି କହିଛନ୍ତି, ସହରର ଲୋକଙ୍କୁ ଉଭୟ ଆପ୍ ଓ କଂଗ୍ରେସ ପ୍ରତାରଣା କରିଛନ୍ତି । ଆପ୍‌ର ଆବାହକ ଅରବିନ୍ଦ କେଜରିୱାଲ୍‌ଙ୍କୁ ସମାଲୋଚନା କରି ଶ୍ରୀ ମୋଦି କହିଛନ୍ତି, ମୁଖ୍ୟମନ୍ତ୍ରୀ ଥିବାବେଳେ ସେ ତାଙ୍କ ବାସଭବନକୁ ବିଳାସପୂର୍ଣ୍ଣ କରିବାରେ ବହୁ ଅର୍ଥ ବ୍ୟୟ କରିଥିଲେ । ଦିଲ୍ଲୀରେ ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ କରି ନ ଥିବାରୁ ସେ ଆପ୍‌କୁ କଡ଼ା

ସମାଲୋଚନା କରିଛନ୍ତି । ଏଥିସହିତ ସେ ଯମୁନା ନଦୀକୁ ସ୍ୱଚ୍ଛ କରିବା ଲାଗି ଦେଇଥିବା ପ୍ରତିଶ୍ରୁତି ପାଳନରେ ଆପ୍ ବିଫଳ ହୋଇଛି ବୋଲି ଶ୍ରୀ ମୋଦି କହିଛନ୍ତି ।

ଜାରତୀୟ ରାଜଧାନୀରେ ପୂର୍ବାଞ୍ଚଳବାସୀ ରହୁଥିବାରୁ ସେମାନଙ୍କ ବିରୋଧରେ ଆପ୍ ଷଡ଼ଯନ୍ତ୍ର କରୁଥିବା ନେଇ ଶ୍ରୀ ମୋଦି ଅଭିଯୋଗ କରିଛନ୍ତି । ଏହି ଅବସରରେ ସେ ବି.ଜେ.ପି. କର୍ମକର୍ତ୍ତାଙ୍କୁ ଆପ୍‌ର କାର୍ଯ୍ୟକଳାପକୁ ପଦାରେ ପକାଇବା ଆହ୍ୱାନ ଦେଇଛନ୍ତି । ଏଥିସହିତ ଲୋକଙ୍କ ପାଇଁ ବି.ଜେ.ପି. ଦେଇଥିବା ପ୍ରତିଶ୍ରୁତିକୁ ଲୋକପ୍ରିୟ କରିବାପାଇଁ ଶ୍ରୀ ମୋଦି କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି । ଜାତୀୟ ରାଜଧାନୀର ପ୍ରତ୍ୟେକ ବୁଥ୍‌ରେ ରେକର୍ଡ଼ ସଂଖ୍ୟକ ମତଦାନକୁ ସୁନିଶ୍ଚିତ କରିବା ସହ ୫୦ ପ୍ରତିଶତରେ ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଜନକଲ୍ୟାଣକାରୀ ଯୋଜାନାର ସଫଳତା ନେଇ ଶ୍ରୀ ମୋଦି ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦଳୀୟ ସାଂସଦ, ବିଧାୟକ, କାଉନ୍‌ସିଲର୍ ଏବଂ ବୁଥ୍‌ସ୍ତରୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଟ୍ରେନ୍ ଆକ୍ସିଡେଣ୍ଟ

ମହାରାଷ୍ଟ୍ର ଜଲଗାଓଁ ଜିଲ୍ଲାର ପାରଣ୍ଡା ରେଳଷ୍ଟେସନ୍‌ରେ ଆଜି ସନ୍ଧ୍ୟାରେ ଏକ ଟ୍ରେନ୍ ଦୁର୍ଘଟଣାରେ ପ୍ରାୟ ୮ ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ଖବର

ମିଳିଛି । ପୁଷ୍ପକ୍ ଏକ୍ସପ୍ରେସ୍‌ର ଚକରୁ ନିଆଁ ଲାଗି ଧୂଆଁ ବାହାରିବା ଯୋଗୁଁ କେତେକ ଯାତ୍ରୀ ଭୟଭୀତ ହୋଇ ନିଜକୁ ରକ୍ଷା କରିବାପାଇଁ ପାଖ ରେଳଧାରଣା ଉପରକୁ ଡେଇଁ ପଡ଼ିଥିଲେ । ଏହି ସମୟରେ ବେଙ୍ଗାଲୁରୁ ଏକ୍ସପ୍ରେସ୍ ସେମାନଙ୍କୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଛି । ଏଥିରେ ପ୍ରାୟ ୭ ଜଣ ଆହତ ହୋଇଥିବା ପ୍ରାରମ୍ଭିକ ସୂଚନା ମିଳିଛି । ଉଦ୍ଧାର କାର୍ଯ୍ୟ ଜାରି ହୋଇଛି । ଇତିମଧ୍ୟରେ ରେଳବାଇ ଓ ସ୍ଥାନୀୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିବା ଖବର ମିଳିଛି ।

## ବେଟି ବଚାଓ - ବେଟି ପଢ଼ାଓ

ବେଟି ବଚାଓ-ବେଟି ପଢ଼ାଓ ଅଭିଯାନ ଏବେ ଜନ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଯୋଜନାର ଆଜି ଦଶବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କର ଯୋଗଦାନ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଶିଶୁକନ୍ୟାମାନେ ଶିକ୍ଷାର ସୁବିଧା ପାଇବା ସହ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସୁଯୋଗ ମଧ୍ୟ ପାଇପାରିଛନ୍ତି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଯେଉଁସବୁ ଜିଲ୍ଲାରେ ଲିଙ୍ଗ ଅନୁପାତ ଅତ୍ୟନ୍ତ କମ୍ ଥିଲା, ସେହିସବୁ ସ୍ଥାନରେ ପୂର୍ବାପେକ୍ଷା ଅନେକ ଉନ୍ନତି ଘଟିଛି । ଫଳରେ ଲିଙ୍ଗଗତ ସମାନତା ଆଣିବା ଦିଗରେ ଏହି

ଅଭିଯାନ ଜନଜାଗରଣ ସୃଷ୍ଟି କରିପାରିଛି ବୋଲି ଶ୍ରୀ ମୋଦି କହିଛନ୍ତି । ଏଭଳି ଐତିହାସିକ ସଫଳତା ଆଣିବା ଦିଗରେ ପ୍ରୟାସ କରିଥିବା ବ୍ୟକ୍ତି ଏବଂ ଅନୁଷ୍ଠାନଗୁଡ଼ିକୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି । ଝିଅମାନଙ୍କର ଅଧିକାରକୁ ସୁରକ୍ଷିତ ରଖିବା, ସେମାନଙ୍କ ପାଇଁ ଶିକ୍ଷା ସୁନିଶ୍ଚିତ କରିବା ଏବଂ ବିନା ପକ୍ଷପାତିତାର ସମାଜ ଗଠନ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି ।

ନୂଆଦିଲ୍ଲୀରେ ଏହି ଅବସରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏଥିରେ ସଶସ୍ତ୍ର ବାହିନୀ, ଅର୍ଦ୍ଧସାମରିକ ବାହିନୀ, ଦିଲ୍ଲୀ ପୁଲିସ୍, ଛାତ୍ରୀ ଏବଂ ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଅଂଶ ଗ୍ରହଣ କରିଛନ୍ତି । ଯୋଜନାର ଦଶ ବର୍ଷ ପୂର୍ତ୍ତି ମାର୍ଚ୍ଚ ୮ ତାରିଖ ଆର୍ନ୍ତଜାତିକ ମହିଳା ଦିବସ ପର୍ଯ୍ୟନ୍ତ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ସୂଚନାଯୋଗ୍ୟ, ଦେଶରେ ଲିଙ୍ଗଗତ ସନ୍ତୁଳନକୁ ବଜାୟ ରଖିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୨୦୧୫ ଜାନୁଆରୀ ୨୨ ତାରିଖରେ ହରିଆଣାର ପାନିପଥଠାରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ଶୁଭାରମ୍ଭ କରିଥିଲେ ।

## ଭାରତ ମୋବିଲିଟି ଏକ୍ସପୋ

ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ-୨୦୨୫ର ପ୍ରଥମ ୫ ଦିନ ମଧ୍ୟରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ପରିଦର୍ଶନ କରିଥିବାବେଳେ ଦେଢ଼ହଜାରରୁ

ଅଧିକ ପ୍ରଦର୍ଶନକାରୀ ଅଂଶଗ୍ରହଣ କରିଛନ୍ତି । ଏହି ଛଅଦିନିଆ ପ୍ରଦର୍ଶନୀ ଆଜି ଶେଷ ହୋଇଛି । ଆକାଶବାଣୀକୁ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରାଜେଶ ଅଗ୍ରୱାଲ୍ କହିଛନ୍ତି, ଚଳିତବର୍ଷର ପ୍ରଦର୍ଶନୀରେ ପୂର୍ବାପେକ୍ଷା ୬ ଗୁଣା ଦର୍ଶକ ପରିଦର୍ଶନ କରିଥିଲେ । ସେ ଆହୁରି କହିଛନ୍ତି, ଦେଢ଼ହଜାର ପ୍ରଦର୍ଶନୀ ଅଟୋମୋବାଇଲ କ୍ଷେତ୍ରରୁ ୩୪ଟି ଏବଂ ହଜାରେରୁ ଊର୍ଦ୍ଧ୍ୱ ଅଟୋ-କମ୍ପୋନେଟ୍ ଶିଳ୍ପରୁ ଭାଗ ନେଇଥିଲେ । ଜର୍ମାନୀ, ବ୍ରିଟେନ୍, ଦକ୍ଷିଣ କୋରିଆ, ଜାପାନ, ତାଇୱାନ ସମେତ ବିଭିନ୍ନ ଦେଶରୁ ୫ ହଜାରରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ବ୍ୟକ୍ତି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ । ବିଶେଷକରି ଏଥିରେ ଅଭିନବ, ସବୁଜ, ଦୀର୍ଘସ୍ଥାୟୀ ପ୍ରଯୁକ୍ତି ସଂଲଗ୍ନ ଅଟୋମୋବାଇଲ ଗୁରୁତ୍ୱଲାଭ କରିଥିଲା । ଏହି ଅବସରରେ ସଡ଼କ ସୁରକ୍ଷା ସମ୍ବନ୍ଧରେ ମଧ୍ୟ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା ।

## ମହାକୁମ୍ଭ - ୟୁ.ପି. କ୍ୟାବିନେଟ୍ ମିଟିଂ

ପ୍ରୟାଗରାଜର ତ୍ରିବେଣୀ ସଙ୍କୁଳଠାରେ ଆଜି ଉତ୍ତର ପ୍ରଦେଶ ସରକାରଙ୍କ ଏକ ସ୍ୱତନ୍ତ୍ର କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୫୪ ଜଣ ମନ୍ତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟର ବିକାଶ ଓ ଜନକଲ୍ୟାଣ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ହାଥ୍ରାସ୍,

ବାଘପତ ଓ କାସଗଞ୍ଜଠାରେ ସରକାରୀ-ଘରୋଇ ଭାଗିଦାରିତାରେ ମେଡିକାଲ୍ କଲେଜ ନିର୍ମାଣକୁ ଅନୁମୋଦନ ମିଳିଛି । ପ୍ରୟାଗରାଜ, ଆଗ୍ରା ଓ ବାରାଣସୀ ମହାନଗର ନିଗମ ପକ୍ଷରୁ ମ୍ୟୁନିସିପାଲ ବଣ୍ଡ ଜାରି କରାଯିବ । ଏହାଦ୍ୱାରା ସହରାଞ୍ଚଳ ଭିତ୍ତିଭୂମି ଓ ନିରନ୍ତର ବିକାଶକୁ ସୁନିଶ୍ଚିତ କରିବା ଲାଗି ପାଣ୍ଠି ସୃଷ୍ଟି ହୋଇପାରିବ । ଏଥିସହିତ ପ୍ରୟାଗରାଜଠାରୁ ପଡ଼ୋଶୀ ଜିଲ୍ଲାକୁ ଯୋଗାଯୋଗ ଓ ଗମନାଗମନକୁ ସୁଦୃଢ଼ କରିବାଲାଗି କେତେକ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ମିଳିଛି ।

ଏହାପରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦର ସଦସ୍ୟମାନେ ତ୍ରିବେଣୀ ସଙ୍ଗମଠାରେ ପବିତ୍ର ବୁଡ଼ ପକାଇଥିଲେ ।

## ଭାରତ ରଙ୍ଗ ମହୋତ୍ସବ

ଜାତୀୟ ନାଟ୍ୟ ବିଦ୍ୟାଳୟ - ଏନ୍.ଏସ୍.ଡି. ତା'ର ମହତ୍ତ୍ୱାକାଂକ୍ଷୀ ଭାରତ ରଙ୍ଗ ମହୋତ୍ସବ ଆସନ୍ତା ୨୮ ତାରିଖରୁ ଫେବୃୟାରୀ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜନ କରିବ । କଲମ୍ବୋ ଓ କାଠମାଣ୍ଡୁ ସମେତ ଦେଶର ୧୩ଟି ସହରରେ ଏହି ମହୋତ୍ସବ ପାଳନ କରାଯିବ । ଗଣମାଧ୍ୟମକୁ ସୂଚନା ଦେଇ ଏନ୍.ଏସ୍.ଡି.ର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ କହିଛନ୍ତି, ଭାରତ ରଙ୍ଗ ମହୋତ୍ସବ ଏକ ବୃହତ୍ ରଙ୍ଗମଞ୍ଚ ମହୋତ୍ସବ ଭାବେ ଉଭାହୋଇ ଅନ୍ତର୍ଜାତୀୟ ସ୍ତରରେ ବିସ୍ତାର ଲାଭ କରୁଛି ।

୨୦ ଦିନ ବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବ ୯ଟି ଦେଶରୁ ୨ ଶହରୁ ଅଧିକ ନାଟକ ମଞ୍ଚସ୍ଥ ହେବ । ଏଥିରେ ତାଇୱାନ, ରୁଷ, ଇଟାଲୀ, ନେପାଳ, ଶ୍ରୀଲଙ୍କା ଆଦି ଦେଶର ଅନ୍ତର୍ଜାତୀୟ ଥିଏଟର୍ ଦଳ ଭାଗ ନେବେ । ଚଳିତ ବର୍ଷପାଇଁ ପ୍ରଖ୍ୟାତ ଅଭିନେତା ତଥା ଏନ୍.ଏସ୍.ଡି.ର ପୂର୍ବତନ ଛାତ୍ର ରାଜପଲ୍ ଯାଦବଙ୍କୁ ମହୋତ୍ସବର ଆମ୍ବାସାଡାର କରାଯାଇଛି ।

## ମାଣ୍ଡବୀୟ ଖୋ ଖୋ ଟିମ୍ସ

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଆଜି ଖୋ ଖୋ ବିଶ୍ୱକପ୍‌ର ଉଭୟ ପୁରୁଷ ଓ ମହିଳା ଭାରତୀୟ ବିଜେତା ଟିମ୍‌କୁ ନୂଆଦିଲ୍ଲୀରେ ସମ୍ମାନିତ କରିଛନ୍ତି । ଦେଶକୁ ଗର୍ବିତ କରାଇଥିବାରୁ ସେ ଖେଳାଳିମାନଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି । ଡକ୍ଟର ମାଣ୍ଡବୀୟ କହିଛନ୍ତି, ଏହାଦ୍ୱାରା ପାରମ୍ପରିକ କ୍ରୀଡ଼ା କୌଶଳ, ଖେଳୁଆଡ଼ ମନୋବୃତ୍ତି ଏବଂ ଦେଶର ପାରମ୍ପରିକ କ୍ରୀଡ଼ା ମୂଲ୍ୟବୋଧ ଉଜ୍ଜୀବିତ ହୋଇଛି । ଏହି ଅବସରରେ ୨୦୨୬ର ଏସୀୟ କ୍ରୀଡ଼ାକୁ ଲକ୍ଷ୍ୟ ରଖି ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ । ୨୦୩୬ ଅଲିମ୍ପିକ୍ସରେ ଖୋ ଖୋ'କୁ ସାମିଲ୍ କରିବାକୁ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଆଉଛି ବୋଲି ମନ୍ତ୍ରୀ କହିଛନ୍ତି ।

# କ୍ରିକେଟ୍ - ଇଣ୍ଡିଆ ଟି-୨୦

ଭାରତ-ଇଂଲଣ୍ଡ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜର ପ୍ରଥମ ମ୍ୟାଚ ଆଜି କୋଲ୍‌କାତାର ଇଡେନ୍ ଗାର୍ଡେନଠାରେ ଜାରି ରହିଛି । ଭାରତ ଟସ୍ ଜିତି ବୋଲି କରିବାକୁ ନିଷ୍ପତ୍ତି ନେଇଛି । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳରେ ଦ୍ରୁତ ବୋଲର୍ ମହମ୍ମଦ ଶାମି ସାମିଲ ହୋଇଛନ୍ତି । ନଭେମ୍ବର ୨୦୨୩ରେ ଅଷ୍ଟ୍ରେଲିଆ ବିରୋଧରେ ଦିନିକିଆ ଆନ୍ତର୍ଜାତିକ ବିଶ୍ୱକପ୍ ପରେ ଏବେ ଶାମି ଦଳକୁ ଫେରିଛନ୍ତି । ତେବେ ଏହି ସିରିଜ୍‌ର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ଚେନ୍ନାଇ, ରାଜକୋଟ୍, ପୁଣେ ଏବଂ ମୁମ୍ବାଇଠାରେ ଖେଳାଯିବ । ଆସନ୍ତା ମାସ ୬ ତାରିଖରୁ ତିନିଟିକିଆ ଦିନିକିଆ ଆନ୍ତର୍ଜାତିକ ସିରିଜ୍ ଆରମ୍ଭ ହେବ ।

*****